# ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର

ସଂଖ୍ୟା:୨୨୬୯ ତାରିଖ: ୨୩-୦୫-୨୦୨୬

## ନୋଟିସ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା : ୧୧୫୫/ତାରିଖ: ୦୯.୦୧. ୨୦୨୬ ଏବଂ ପତ୍ର ସଂଖ୍ୟା : ୬୧୪୩/ତାରିଖ: ୨୬.୦୨. ୨୦୨୬ ଅନୁଯାୟୀ **"ବିକଶିତ ଗାଁ ବିକଶିତ ଓଡିଶା (BGBO)"** ଯୋଜନା ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ବାର୍ଷିକ ଖସଡା ପ୍ରସ୍ତୁତି ନିମନ୍ତେ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ସଦସ୍ୟ/ସଦସ୍ୟା, ନିର୍ବାଚିତ ପ୍ରତିନିଧି ଏବଂ ନାଗରିକ ସମାଜର ସଦସ୍ୟ/ସଦସ୍ୟାମାନଙ୍କଠାରୁ ବାଲେଶ୍ୱର ଜିଲ୍ଲା ର ୦୨ ଗୋଟି ବ୍ଲକ ଯଥା- ବାହାନଗା ଏବଂ ନୀଳଗିରି ପାଇଁ ଆବଶ୍ୟକୀୟ ପ୍ରକଳ୍ପ ପ୍ରସ୍ତାବର ତାଲିକା ଜିଲ୍ଲାପାଳ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱରଙ୍କ ଦ୍ୱାରା ଆହ୍ୱାନ କରାଯାଉଛି ।

ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ତାଲିକାଗୁଡିକୁ , ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ **ତା ୨୯.୦୫.୨୦୨୬ ରୁ ୦୫.୦୬.୨୦୨୬(ଛୁଟି ଦିନ ବ୍ୟତୀତ)** ମଧ୍ୟରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି ।

ଜିଲ୍ଲାପାଳ, ବାଲେଶ୍ୱର

ଜ୍ଞାପକ ସଂଖ୍ୟା:- ୨୨୩୦ ତା:- ୨୩-୦୫-୨୦୨୫

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାହାନଗା ଓ ନୀଳଗିରିଙ୍କ ସୂଚନା ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା । ବ୍ୟାପକ ପ୍ରକାଶନ ପାଇଁ ଏହି ସୂଚନାକୁ ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ନୋଟିସ ବୋର୍ଡରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଗଲା ।

ଜିଲ୍ଲାପାଳ, ବାଲେଶ୍ୱର

ଜ୍ଞାପକ ସଂଖ୍ୟା:- ୨୨୩୧ ତା:- ୨୩-୦୫-୨୦୨୫

ଏହାର ଏକକିତା ନକଲ ଜିଲ୍ଲା ପରିଚାଳକ, ଇ- ଗଭର୍ଣ୍ଣାନ୍ସଙ୍କ ଅବଗତି ପାଇଁ ପ୍ରେରଣ କରାଗଲା । ଜିଲ୍ଲା ପୋର୍ଟାଲରେ ଏହି ସୂଚନା ଏବଂ ବିକଶିତ ଗାଁ ବିକଶିତ ଓଡିଶା ର ମାର୍ଗଦର୍ଶିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଗଲା ।

ଜିଲ୍ଲାପାଳ, ବାଲେଶ୍ୱର

ଜ୍ଞାପକ ସଂଖ୍ୟା:- ୨୨୩୨ ତା:- ୨୩-୦୫-୨୦୨୫

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ବାଲେଶ୍ୱର/ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବାଲେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା କି ଉକ୍ତ ନୋଟିସକୁ ଜିଲ୍ଲା କାର୍ଯ୍ୟାଳୟ ର ସୂଚନା ଫଳକ ରେ ପ୍ରକାଶିତ କରିବେ ।

ଜିଲ୍ଲାପାଳ, ବାଲେଶ୍ୱର